Split by PDF Splitter



ଏକବର୍ଷ ପୂର୍ବରୁ ପରବର୍ଷ ପରୀକ୍ଷା ନିର୍ଦ୍ଧାରିତ କରୁଥିବା ପୁସ୍ତକ ପଢୁଥିବାରୁ ଏ ଅନିଷ୍ଟ ଘଟୁଅଛି ।

କଟକ ସ୍କୁଲରେ ଆଉ ଏକ ପ୍ରଥା ଅଛି ଯେ ଯେଉଁବର୍ଷ ଯେ ଶ୍ରେଣୀରେ ଯେ ପୁସ୍ତକର ଯେତେ ପୃଷ୍ଠା ପର୍ଯ୍ୟନ୍ତ ପାଠ କରାଯାଏ ତାହା ସେବର୍ଷ ଆରମ୍ଭରେ ନିର୍ଦ୍ଧାରିତ କରାହୁଏ । ତତ୍ପରେ ଶିକ୍ଷକମାନେ ବାଳକମାନଙ୍କ ସହିତ କଳଦ ପରି ଭାଡ଼ିତ ହୋଇ ବର୍ଷ ଶେଷ ପର୍ଯ୍ୟନ୍ତ ଆପଣା ନିର୍ଦ୍ଦିଷ୍ଟ ସ୍ଥାନରେ ଯାଉଁ ଥାଆନ୍ତି । ଯେ ଶିକ୍ଷକ ନିର୍ଦ୍ଦିଷ୍ଟିତ ପାଠ ବାଳକମାନଙ୍କୁ ପାଠ ନ କରାଇଥାଏ ସେ ପ୍ରଧାନ ଶିକ୍ଷକ ଓ ସେକ୍ରେଟେରୀଙ୍କ କୋପର ଭାଜନ ହୁଏ । ଉକ୍ତ ସ୍କୁଲରେ ଏ ନିୟମ ଥିବାରୁ ଉଲ୍ଲେଖିତ ପ୍ରଧାନ କର୍ମଚାରୀମାନଙ୍କ କୋପାନଳରେ ଭସ୍ମୀଭୂତ ହେବା ଭୟରେ ଶିକ୍ଷକମାନେ କିପରି ନିର୍ଦ୍ଦିଷ୍ଟିତ ପାଠ ଶେଷ କରିବେ କେବଳ ଏହି ଚିନ୍ତାରେ ଥାନ୍ତି । ଯେ ସମୟରେ ଏକ ପୃଷ୍ଠା ଶିକ୍ଷା ଦେବାର ଦୂରୁହ ସେହି ସମୟ ମଧ୍ୟରେ ଚାରି ପୃଷ୍ଠାରେ ଲମ୍ଫ ଦେଇଥାନ୍ତି । ସୁତରାଂ ଯଥୋଚିତ ସମୟାଭାବେ ଓ ଶିକ୍ଷକମାନଙ୍କ ମନ ବିଚଳିତ ଥିବାରୁ ଶିକ୍ଷା କାର୍ଯ୍ୟ ଉତ୍ତମ ରୂପେ ନିଷ୍ପନ୍ନ ହୋଇ ପାରେନାହିଁ । ଅଧସ୍ଥ ଶିକ୍ଷକମାନେ ବୃଥା କାଳକ୍ଷେପଣ କରିବାକୁ ପାରିବେ ନାହିଁ । ଯଦି ଏଥିର ଏହି ଉଦ୍ଦେଶ୍ୟ ହୁଏ ତେବେ ଏପରି ହାନିଜନକ ଉପାୟ ଅବଲମ୍ବନ ନ କରିଲେ ମଧ୍ୟ ଇଷ୍ଟ ସାଧନ ହୁଅନ୍ତା । ତତ୍ତ୍ୱାବଧାରଣ କରି ପ୍ରଧାନ ଶିକ୍ଷକଙ୍କ କର୍ମ ଓ ଆମ୍ଭେମାନେ ଯେପରି ଶୁଣିଅଛୁଁ ବର୍ତ୍ତମାନର ପ୍ରଧାନ ଶିକ୍ଷକ ଆପଣାର ଏ କର୍ମ ଉତ୍ତମରୂପେ ନିର୍ବାହ କରୁଅଛନ୍ତି ଓ ଏଥିଯୋଗୁଁ କୌଣସି ଶିକ୍ଷକର ବୃଥା କାଳ ନଷ୍ଟ କରିବାର ସାଧ୍ୟ ନାହିଁ । କେହି ଯଦି ପଢ଼ାଇବାର ଧାରା ନଜାଣିବାରୁ ବାଳକମାନଙ୍କର ପାଠର ପତନ'ଶ ଜଣାହୁଏ ତେବେ ହେଡମାଷ୍ଟର ତାହାଙ୍କ ନିକଟରେ ଥାଇ ନୂଆଦିନ ବାଳକମାନଙ୍କୁ ପଢ଼ାଇ ଶିକ୍ଷା ଦେବାର ଧାରା ତାହାଙ୍କୁ ଶିଖାଇ ପାରନ୍ତି । ସୁଶିକ୍ଷିତ ଏକ ପୃଷ୍ଠା ଧାରିତ ଶିକ୍ଷକ ଶତ ପୃଷ୍ଠାରେ ସମାନ ନୁହେଁ । ଅତଏବ ଆମ୍ଭେମାନେ ଭରସା କରୁଁ ଯେ ଉପର ଲେଖିତ ଦୋଷ ଯେପରି ଆସନ୍ତା ବର୍ଷ କଟକ ସ୍କୁଲ ଶିକ୍ଷା ପ୍ରଣାଳୀରେ ଦେଖା ନଯାଏ । ଯଦିକ ପାଠ ନିର୍ଦ୍ଧାରିତ କରିବାର ନିତାନ୍ତ ଆବଶ୍ୟକ ହୁଏ ତେବେ ଯେପରି ଶିକ୍ଷକମାନେ ପୋଗୁପରି ତାଡ଼ିତ ନୁହନ୍ତି ଓ ନିର୍ଦ୍ଦିଷ୍ଟ ପାଠ ଶେଷ ନ କରିଲେ କାହାର କୋପର ପାତ୍ର ହେବେ ତାଙ୍କର ଏପରି ଆଶଙ୍କା ନଥାଏ ସେଥିର ଉପାୟ କରାଯିବ ।

ଯଦି କ ଆମ୍ଭ ଉପରେ କେବଳ କଟକ ସ୍କୁଲର ନାମ ଉଲ୍ଲେଖ କରିଅଛୁଁ । ମାତ୍ର ଭରସା କରୁଁ ଯେ ଅନ୍ୟ ଅନ୍ୟ ସ୍କୁଲର କର୍ମଚାରୀମାନେ ମଧ୍ୟ ଏ ବିଷୟ ବିବେଚନା କରିବେ ।

Digitized by srujanika@gmail.com

Split by PDF Splitter



## ସାପ୍ତାହିକ ସଂବାଦ—

ଶ୍ରୀଯୁକ୍ତ ସର୍ ସାହେବ ଗତମଙ୍ଗଳବାର ରାତ୍ରିରେ ଏଠାରୁ ପୁରୁଷୋତ୍ତମକୁ ଗଲେ ସେଠାରୁ ଷ୍ଟିମର ଦ୍ୱାରା କଲିକତା ଯିବେ । ସମୁଦ୍ରତଟସ୍ଥ ଧୋଇଯାଇଥିବା ପ୍ରଦେଶମାନଙ୍କର ଲୋକମାନଙ୍କର ଏବର୍ଷର ଜୀବନ ଧାରଣର ଉପାୟ କରିବାର ତାହାଙ୍କ ଆସିବାର ପ୍ରଧାନ ଉଦ୍ଦେଶ୍ୟଥିଲା ପାଠକମାନେ ଅବଗତ ଅଛନ୍ତି ଯେ ଉପରୋକ୍ତ ପ୍ରଦେଶମାନଙ୍କରେ ଧାନଫସଲ ସମୂଳେ ନଷ୍ଟ ହୋଇଅଛି । ସେମାନଙ୍କ ସକାଶେ କୌଣସି ଉପାୟ ନ କଲେ ଗତବର୍ଷପରି ଏବର୍ଷ ମଧ୍ୟ ଦୁର୍ଭିକ୍ଷ-ଯାତନା ଭୋଗ କରିବାକୁ ହେବ । ଏହି ବିବେଚନାରେ ଗବର୍ଣ୍ଣମେଣ୍ଟ ସର୍ ସାହେବଙ୍କୁ ଏ ପ୍ରଦେଶକୁ ସ୍ୱୟଂ ଆସି କି କି ଉପାୟ ଅବଲମ୍ବନ କରିବାକୁ ହେବ ତାହା ଅନୁସନ୍ଧାନ କରି ସ୍ଥିର କରିବା ନିମନ୍ତେ ପଠାଇଥିଲେ । ସର୍ ସାହେବ ଭିନ୍ନ ଗୋଦାମମାନଙ୍କରେ ପ୍ରାୟ ଛଅଲକ୍ଷ ମହଣ ଚାଉଳ ଅନ୍ୟ ଦେଶରୁ ଯାହାଜ ଦ୍ୱାରା ଆଣାଇ ରଖିବାନିମନ୍ତେ ପ୍ରସ୍ତାବ କରିଅଛନ୍ତି । ପୁରୀ, ମାଛଗାଁ, ହୁକିତୁଆ, ପଟାମୁଣ୍ଡେଇ, ବାକୁଦ, ରଜଣଦେଇପୁର ଏହି ସ୍ଥାନମାନଙ୍କରେ ଗୋଦାମ କରିବାର ସ୍ଥିର ହୋଇଅଛି । ଯେଉଁ ସ୍ଥାନମାନଙ୍କରେ ପୁରାତନ ଲୁଣ ଗୋଲା ଅଛି ସେ ଗୋଲାଘରମାନ ମରାମତି ହେବ ଓ ଯେଉଁ ସ୍ଥାନମାନଙ୍କରେ ଘର ନାହିଁ ସେଠାରେ ନୂତନ ଗୋଲାଘର ପ୍ରସ୍ତୁତ ହେବ । ପ୍ରସ୍ତାବ କରି ଅଛନ୍ତି ଯେ ଟଙ୍କାରେ ୧୦ସେରରୁ ଅଧିକ କି ଊଣା ସରକାରୀ ଚାଉଳ ଦିଆଯିବ ନାହିଁ । ବଜାରରେ ତହିଁରୁ ଊଣା ମିଳିଲେ ମଧ୍ୟ ସରକାରୀ ଚାଉଳ ସେ୧୦ର ଲେଖାଏଁ ବିକ୍ରି ହେବ । ଓ ବଜାର ଭାଉ ଶସ୍ତା ହେଲେ ସରକାରୀ ଗୋଦାମ ବନ୍ଦ କରାଯିବ ।

ଦୁର୍ଭିକ୍ଷ ଅନୁସନ୍ଧାନ କମିସ୍ନରମାନେ ଗତ ସୋମବାର ଦିନ ପୁରୁଷୋତ୍ତମରେ ପ୍ରବେଶ କରିଅଛନ୍ତି । ଦୁଇ ଏକ ଦିନେ କଟକକୁ ଆସିବାର ଶୁଣାଯାଏ ।

ଏ ମାନଙ୍କର ଅଧ୍ୟକ୍ଷ କେମ୍ବେଲ ସାହେବ ଅତିଶୟ ବିଶ୍ୱସ୍ତ ପାତ୍ର ବୋଲି ସମସ୍ତଙ୍କର ଜ୍ଞାନଅଛି । ଆମ୍ଭେମାନେ ଭରସାକରୁଁ ଯେ ଜମିଦାର ଓ ଅନ୍ୟାନ୍ୟ ଲୋକମାନେ ଦେଶର ଯଥାର୍ଥ ଅବସ୍ଥା ଏମାନଙ୍କ ଠାରେ ଗୋଚର କରାଇଲେ ଦେଶର ମଙ୍ଗଳ ହେବାର ସମ୍ଭାବନା ।

କଟକ ପୁରୀ ଓ ବାଲେଶ୍ୱର ଜିଲାମାନଙ୍କରେ ଗତବର୍ଷ ଦୁର୍ଭିକ୍ଷ ଓ ଧୋଇରେ ଫସଲ ଓ ମନୁଷ୍ୟ କି ପରିମାଣରେ ନଷ୍ଟ ହୋଇଅଛି ଏହା ଅନୁସନ୍ଧାନ କରିବା ନିମନ୍ତେ ସ୍ଥାନୀୟ ଅମଲାମାନଙ୍କ ମଧ୍ୟରୁ ମାସକୁ ଟ ୧୦୦ ଙ୍କା ବେତନରେ ଡେପୁଟି

Digitized by srujanika@gmail.com

Split by PDF Splitter



କଲଷ୍ଟର ନିଯୁକ୍ତ କରିବା ସକାଶେ ଗବର୍ଣ୍ଣମେଣ୍ଟ କମିସ୍ନର ସାହେବଙ୍କୁ ଅଧିକାର ଦେଇଅଛନ୍ତି । ଆମ୍ଭେମାନେ ଅବଗତ ହେଲୁଁ କଟକ ଜିଲ୍ଲାନିମନ୍ତେ ସେଠାକାର କଲଷ୍ଟର ସାହେବ ତଳଲେଖିତ ବ୍ୟକ୍ତିମାନଙ୍କୁ ନିଯୁକ୍ତ କରି କମିସ୍ନର ସାହେବଙ୍କ ନିକଟକୁ ମଞ୍ଜୁର ସକାଶେ ପଠାଇ ଅଛନ୍ତି ।

କଲଷ୍ଟରୀ ସିରସ୍ତାଦାର ବାବୁ ଯନାର୍ଦ୍ଦନ ସେନ

ଫୌଜଦାରୀ ସିରସ୍ତାଦାର ବାବୁ ନିମାଇଁ ଚରଣ ନେଓଗୀ

| | |
|---|---|
| କଟକ ଓ ବାଲେଶ୍ୱର ସ୍କୁଲର ଡିପୋଟି ଇନସ୍ପେକ୍ଟର | ଉମାଚରଣ ହାଲଦାର |

ଆମ୍ଭେମାନେ ଭରସା କରୁଁ ଯେ ଉକ୍ତ ମହାଶୟମାନେ ସ୍ୱକର୍ତ୍ତବ୍ୟ ସାଧ୍ୟାନୁସାରେ ଉତ୍ତମ ରୂପେ ସାଧନ କରି ଦେଶର ମଙ୍ଗଳ ଓ ଗବର୍ଣ୍ଣମେଣ୍ଟର ଅଭିପ୍ରାୟ ସଫଳ କରିବେ ।

ଆମ୍ଭେମାନେ ଶ୍ରବଣ କରିଅଛୁଁ ଯେ ବଙ୍ଗାଳ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ବର୍ତ୍ତମାନ ପାଉଣା ଆଠପର୍ଣ୍ଣି କିସ୍ତି ଖଜଣା ବକାୟା ମାଫ ଦେବା ସକାଶେ ଲେଖି ଅଛନ୍ତି ଓ ରୟତମାନଙ୍କୁ ଜମିଦାର କିମ୍ବା ସର୍ବରାକାର ଓ ମକଦ୍ଦମ ପ୍ରଭୃତି ସେ କିସ୍ତି ବାବତ ସମୁଦାୟ ମାଫ ଦେବେ । ଏଥିର ଆଇନ ଅନୁସାର କି ବନ୍ଦୁତ ଉପାୟ କସ୍ତାହେବ ଏ ବିଷୟରେ ରିପୋର୍ଟ ସ୍ଥାନୀୟ ହାକିମମାନଙ୍କ ତଲବ ହୋଇଅଛି ।

ଗତବର୍ଷ ଫୌଜଦାରୀ ଅଦାଲତମାନଙ୍କରେ ଦଣ୍ଡପାଇ ଥିବା ଲୋକ ଓ ଓ ଅପରାଧୀମାନଙ୍କର ଏକ ତାଲିକା ତଲବ କରି ଅଛନ୍ତି ଗବର୍ଣ୍ଣମେଣ୍ଟର ଇଚ୍ଛା ଏହି ଯେ ଦୁର୍ଭିକ୍ଷ ସମୟରେ ଅନ୍ନାଭାବରେ କେବଳ ପ୍ରାଣରକ୍ଷା ନିମନ୍ତେ ଯେଉଁମାନେ ଅଗତ୍ୟା ଚୋର ଓ ଡକାଇତି ପ୍ରଭୃତି ଅପରାଧ ମାନ କରିଅଛନ୍ତି । ସେମାନଙ୍କର ଦଣ୍ଡହ୍ରଣା କରି ଦେବେ । ଯେଉଁମାନେ ସ୍ୱାଭାବିକ ଦୁଷ୍ଟ ଓ ଏ ଦୁର୍ଭିକ୍ଷ ସୁଯୋଗ ପାଇ ଅତ୍ୟନ୍ତ ପ୍ରବଳ ହୋଇଥିଲେ ତାହାଙ୍କ ପ୍ରତି କିଛି ବିବେଚନା ହେବ ନାହିଁ । ଏ ବିଷୟର ଅତିଶୟ ପ୍ରଶଂସା ଯୋଗ୍ୟ ।

Digitized by srujanika@gmail.com

Split by PDF Splitter



# ପ୍ରେରିତ ପତ୍ର—

## ଦୁର୍ଭିକ୍ଷ ଓ ଜଣେ ଦେଶୀୟ ଲୋକର ବଦାନ୍ୟତା—

ମହାମାନ୍ୟବର ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ

ମହାମାନ୍ୟବରେଷୁ

ସମ୍ପାଦକ ମହାଶୟ,

"ପୁଣ୍ୟ ପରୋପକାରାୟ ପାପାୟ ପରପୀଡ଼ନେ"

ଅସିତ ଦେଶୀୟ ବଙ୍ଗାଲିମାନେ ଦୁର୍ଭିକ୍ଷ ଉପଲକ୍ଷରେ ଉପରୋକ୍ତ ବଚନର ଭୂରି ଭୂରି ପ୍ରମାଣ ପ୍ରଦର୍ଶନ କରିଅଛନ୍ତି । ତାହାପ୍ରାୟ ସମସ୍ତ ସମାଚାର ପତ୍ରିକା-ମାନଙ୍କରେ ପ୍ରକଟିତ ହୋଇ ସର୍ବସାଧାରଣଙ୍କ ଗୋଚର ହୋଇଅଛି । କିନ୍ତୁ ଏହି ଉତ୍କଳ ଦେଶ ମଧ୍ୟରେ ଯେଉଁ ମହୋଦୟମାନେ ଉକ୍ତ ଦୁର୍ଭିକ୍ଷ ଉପଲକ୍ଷରେ ଯେ ପ୍ରକାର ବଦାନ୍ୟତା ସହକାରେ ଦୀନହୀନମାନଙ୍କର ଦୁର୍ଦ୍ଦଶା ମୋଚନ କରି ସମାଜର ପ୍ରଶଂସା ଭାଜନ ହୋଇ ଅଛନ୍ତି ସେମାନଙ୍କ ବିବରଣ ଅବଶ୍ୟ ଆପଣଙ୍କର ଉଜ୍ଜ୍ୱଳ ପତ୍ରିକା ମଧ୍ୟରେ ସ୍ଥାନ ପ୍ରାପ୍ତି ଯୋଗ୍ୟ ବିବେଚନାରେ ଖୋର୍ଦ୍ଧା ଅନ୍ତର୍ଗତ ବାଣପୁର ଦେଶସ୍ଥ ଭଟପଡ଼ାନିବାସୀ ଦଳବେହେରା ଶ୍ରୀଯୁକ୍ତ ଗୋପୀନାଥ ମହାର୍ଥୀ ମହାଶୟଙ୍କର ଦୁର୍ଭିକ୍ଷ ଉପଲକ୍ଷରେ ଦାନଶୀଳତା ଗୁଣର ବର୍ଣ୍ଣନା କରୁଅଛୁଁ ଅନୁଗ୍ରହପୂର୍ବକ ପତ୍ରିକାପ୍ରାନ୍ତରେ ସ୍ଥାନଦାନ ପୂର୍ବକ ବାଧିତ କରିବା ହେବେ ।

ସନ ୧୮୬୫ ସାଲର ଡିସେମ୍ବର ମାସ ଆରମ୍ଭରେ ବାଣପୁର ପ୍ରଦେଶରେ ଅନ୍ନାଭାବରେ ହାହାକାର ଉପସ୍ଥିତ ହୁଏ । ବାଣପୁରରେ ମର୍ଦ୍ଧରାଜ ଓ ଦ୍ୱିଜପଣ୍ଡା-ନାୟକ ପ୍ରଭୃତି ବହୁତର ଶସ୍ୟଶାଳୀ ଭୂମ୍ୟାଧିପତିଥିଲେ କିନ୍ତୁ କେହି ସେ ସମୟରେ ପରୋପକାର ବ୍ରତରେ ବ୍ରତୀ ନ ହୋଇ ଆପଣା ଆପଣା ସଞ୍ଚିତ ଧାନ୍ୟ ଅତ୍ୟଧିକ ମୂଲ୍ୟରେ ଦକ୍ଷିଣୀ ମହାଜନମାନଙ୍କୁ ବିକ୍ରୟ କଲେ ସୁତରାଂ ବହୁଜନ ଜଠରାନଳେ ପୀଡ଼ିତ ହୋଇ ଅନାହାରରେ ଅକାଳରେ କାଳ କରାଳ କବଳରେ ନିପତିତ ହୁଅନ୍ତି ଆହା ସେ ସମୟରେ ଯେ ସେମାନଙ୍କ ଦୁରବସ୍ଥା ପ୍ରତ୍ୟକ୍ଷ କରିଅଛି ସେହି ପ୍ରକୃତ ଅନୁଭବ କରିପାରେ । ଏତଦୃଶ ଦୁଃସମୟରେ ଆମ୍ଭମାନଙ୍କ ପ୍ରସ୍ତାବ ମୂଳବାଚ୍ୟ ଦାତା ଉକ୍ତ ଗୋପୀନାଥ ମହାର୍ଥୀ ମହାଶୟ ଆପଣା ଆବାସ ନିକଟରେ ଏକ ଅନ୍ନଛତ୍ର ସଂସ୍ଥାପନ କରି ଯେଥିର ତତ୍ତ୍ୱାବଧାରଣ ନିମନ୍ତେ ସ୍ୱୟଂ ଓ ତାହାଙ୍କ ଭ୍ରାତୁଷ୍ପୁତ୍ର ଶ୍ରୀଯୁକ୍ତ ବିଦ୍ୟାଧର ଦଳାୟିବ ସିଂହ ମହୋଦୟ ଓ ଦଶଜଣ ପାଚକ ବ୍ରାହ୍ମଣ ଓ ଆଠଜଣ ପରିଚାରକ ଇତ୍ୟାଦି ଯୁକ୍ତ କରି ପ୍ରତିଦିନ ପ୍ରାତଃକାଳରେ ଓ ମଧ୍ୟାହ୍ନ ସମୟରେ ଅନ୍ୟୂନ ଦୁଇଶତ ଜଣ ଦୁର୍ଭିକ୍ଷ ପୀଡ଼ିତ ଲୋକଙ୍କୁ ଅକାତରରେ

Digitized by srujanika@gmail.com

Split by PDF Splitter



ଅନ୍ନଦାନ କରିବାକୁ ଆରମ୍ଭ କଲେ ଆହା ? କି ଦୁଃଖର ବିଷୟ । ତାହା ଦେଖି ସେ ପ୍ରଦେଶସ୍ଥ ଅନ୍ୟ ଧନାଢ୍ୟମାନେ ଉତ୍ସାହିତ ନ ହୋଇ ବରଂ ମହାର୍ଥୀ ମହା-ଶୟଙ୍କର ପରମଦ୍ୱେଷୀ ହେଲେ । ଯାହାହେଉ ଉକ୍ତ ଅନ୍ନଛତ୍ର କ୍ରମାଗତ ଦୁଇ ମାସ ପର୍ଯ୍ୟନ୍ତ ଉନ୍ନତାବସ୍ଥାରେ ଥିଲା । ପରେ ରାଜପୁରୁଷମାନଙ୍କର ଅନ୍ନଛତ୍ର ନିକଟସ୍ଥ ସୁନ୍ଦାଖେଲା ଓ ବାଣପୁରରେ ସଂସ୍ଥାପିତ ହେବାରୁ କ୍ରମରେ ହ୍ରାସ ହେଲା । ତଥାପି ଅଦ୍ୟାବଧି ଉକ୍ତ ଛତ୍ର ବର୍ତ୍ତମାନ ଅଛି ଓ ସେଥିରେ ନିକଟସ୍ଥ ୪୦ କି ୫୦ଜଣ ମନୁଷ୍ୟ ପ୍ରତିଦିନ ପ୍ରତିପୋଷିତ ହୁଅନ୍ତି । ଏହି ଅନ୍ନଛତ୍ରରେ ମହାର୍ଥୀ ମହାଶୟଙ୍କର ଅନ୍ୟୁନ ଦୁଇ ସହସ୍ର ମହଣ ଧାନ ବ୍ୟୟ ହୋଇଅଛି । ଯଦ୍ୟପି ଅସ୍ମଦ୍ଦେଶୀୟମାନଙ୍କ ବଦାନ୍ୟତା ଅପେକ୍ଷା ଅଧିକ ନୁହେଁ କିନ୍ତୁ ଏତଦ୍ ଦେଶରେ ଏତଦ୍ରୂପ ଦାତାଙ୍କ ଉପାଖ୍ୟାନ ଦୁର୍ଭିକ୍ଷ ଉପଲକ୍ଷରେ ଶ୍ରୁତିଗୋଚର ହୋଇନାହିଁ ।

ସମ୍ପାଦକ ମହାଶୟ ମହାର୍ଥୀ ମହୋଦୟଙ୍କ ମହୋଚ୍ଚକୁଳୋଦ୍ଭବ ଓ ଅତି ସୁବିବେକ ଓ ସତ୍ଲକ୍ଷଣ୍ୟ ମାନ୍ୟବର ଶ୍ରୀଯୁତ ମୋର ସାହେବ ତାହାଙ୍କୁ ବାଣପୁରର ଭଗବତୀ ଦେବୀଙ୍କ ମନ୍ଦିରର ତତ୍ତ୍ୱାବଧାରକ ପଦରେ ଗବର୍ଣ୍ଣମେଣ୍ଟ ଆଦେଶାନୁସାରେ ପ୍ରତିଷ୍ଠିତ କରିଅଛନ୍ତି । ଉପରୋକ୍ତ ଅନ୍ନଛତ୍ର ତାହାଙ୍କର ବଦାନ୍ୟତାର ଓ ସଦ୍ବିବେଚନାର ଏକମାତ୍ର ପ୍ରମାଣ ନୁହେଁ । ଯେହେତୁ ସେ ପ୍ରାୟ ଦଶସହସ୍ର ମହଣ ଧାନ୍ୟ ପ୍ରଜାମାନଙ୍କୁ ଋଣ ସ୍ୱରୂପ ପ୍ରଦାନପୂର୍ବକ ସେମାନଙ୍କୁ ଦୁର୍ଭିକ୍ଷ ଯନ୍ତ୍ରଣା ସହ୍ୟ କରିବାକୁ ନ ଦେଲେ ସେମାନଙ୍କର ଆହୁରି ଉତ୍କୃଷ୍ଟ ରୂପେ କୃଷି କର୍ମ ସମ୍ପାଦନ କରାଇ ବର୍ତ୍ତମାନ ତାହାଙ୍କ ଅଧିକାର ମଧ୍ୟରେ ପ୍ରଚୁର ପରିମାଣରେ ଧାନ ଉତ୍ପନ୍ନ ହୋଇଅଛି ଯେ ପ୍ରଜାମାନେ ଋଣ ପରିଶୋଧ କରି ବର୍ଷାବଧି ସ୍ୱଚ୍ଛନ୍ଦେ କାଳଯାପନ କରିପାରିବେ ।

ଆମ୍ଭେମାନେ ଏକଦା ମହାର୍ଥୀ ମହାଶୟଙ୍କ ପତ୍ରର ଜାଣିଅଛୁଁ ଯେ ଉକ୍ତ ଧାନ୍ୟ ଅତିରିକ୍ତ ସେ ପ୍ରଜାମାନଙ୍କୁ ଦକ୍ଷିଣ କୋଣରୁ ମାଣ୍ଡ୍ରିସ୍ଥା ପ୍ରଭୃତି ସୁଲଭ ଖାଦ୍ୟ ସାମଗ୍ରୀ ଆହାରଣାର୍ଥେ ଅନ୍ୟୂନ ଏକ ସହସ୍ର ମୁଦ୍ରା ଋଣ ସ୍ୱରୂପ ଦେଇ-ଅଛନ୍ତି ଏ ଉକ୍ତ ଋଣ ପ୍ରଭୃତି ବର୍ତ୍ତମାନ ବର୍ଷରେ ସମୁଦାୟ ସ୍ୱଚ୍ଛନ୍ଦରେ ଅଛନ୍ତି ଓ ରହିବେ । ତାହାଙ୍କ ଅଧିକାର ମଧ୍ୟରେ କେହି ଅନାହାରରେ ମରିନାହାନ୍ତି କେବଳ ଉଦରଗ୍ରହ ଶତ ବ୍ୟକ୍ତି ବସନ୍ତ ଓ ଓଲାଉଠା ରୋଗରେ ମରିଅଛନ୍ତି ଆହା ? ମହାର୍ଥୀ ମହାଶୟ ଯେ ପ୍ରକାର ଧନାଢ୍ୟ ସେ ପ୍ରକାର ଗର୍ବରେ ଚଳନ୍ତି ନାହିଁ । ତାହାଙ୍କୁ ଦେଖିଲେ ଅତି ସାମାନ୍ୟ ଲୋକ ସଦୃଶ ବୋଧହୁଏ । ତାହାଙ୍କ ସହିତ ଆଳାପ କଲେ ଆନନ୍ଦୋଦ୍ଭବ ହୁଏ । ଯଦ୍ୟପି କି ଓଡ଼ିଆ ଭିନ୍ନ ଅନ୍ୟ ବିଦ୍ୟା ଶିକ୍ଷା କରିନାହାନ୍ତି ତଥାଚ ତାହାଙ୍କ ମତାମତ ଶୁଣିଲେ ଜଣାଯାଏ ଯେ ସେ

Digitized by srujanika@gmail.com

Split by PDF Splitter



ପ୍ରକୃତ ପଣ୍ଡିତ ବହୁଦର୍ଶୀ ଓ ଜ୍ଞାନୀ ଅତଏବ ସମ୍ପାଦକ ମହାଶୟ ଏତଦ୍ରୂପ ବ୍ୟକ୍ତି ସ୍ୱରୂପ ଆଉ ଯେଉଁମାନେ ବଦାନ୍ୟତା ପ୍ରକାଶ କରିଅଛନ୍ତି ସେମାନ ଗୁଣ କୀର୍ତ୍ତନ କରିବାକୁ ଆମ୍ଭେ ସାଧାରଣଙ୍କୁ ଅନୁରୋଧ କରୁଅଛୁଁ । ଅଲମିତି ବିସ୍ତରେଣ ।

କଟକ
୭ ତାରିଖ ଡିସେମ୍ବର ସନ ୧୮୬୭ } କସ୍ୟଚିତ୍ ଗୁଣୀ ଗୁଣାନୁମୋଦକ

---

## ପତ୍ରପ୍ରେରକଙ୍କ ପ୍ରତି ସମ୍ବାଦ—

ବାଲେଶ୍ୱରର ସମ୍ବାଦ ଦାତା—ସ୍ଥାନାଭାବରୁ ପ୍ରକାଶ ହୋଇନାହିଁ ।

ଅନାମ ଦାସ—ସାଧାରଣ ମଙ୍ଗଳୋଦ୍ଦେଶ୍ୟ ବିନା କାହାର ନିନ୍ଦା ପ୍ରକାଶ କରିବାର ଆମ୍ଭମାନଙ୍କର ପ୍ରଥା ନାହିଁ ।

---

## ପ୍ରେମ ସୁଧାନିଧି

ସଂଶୋଧିତ ଓ କଠିଣ ଶବ୍ଦମାନଙ୍କ ଅର୍ଥ ସହିତ ମୁଦ୍ରିତ ହୋଇଅଛି । ମୂଲ୍ୟ ସାମାନ୍ୟ ବନ୍ଧାଇ ୧ ଖଣ୍ଡକୁ ୫୦/୮ ଉତ୍ତମ ଗିଲଦ ବନ୍ଧେଇ ୧ ଖଣ୍ଡକୁ ୫୦/୴ ଗ୍ରାହକମାନେ କଟକ ପ୍ରିଣ୍ଟିଂ କମ୍ପାନୀର ମେନେଜର ଶ୍ରୀଯୁତ ଗୌରୀଶଙ୍କର ରାୟଙ୍କ-ଠାରେ ତତ୍ତ୍ୱ କଲେ ଏ ପୁସ୍ତକ ପାଇପାରିବେ ।

---

ଏହି ଉତ୍କଳ ଦୀପିକା ସହର କଟକ ଆଲମଚନ୍ଦ ବଜାର କଟକ ପ୍ରିଣ୍ଟିଂ କମ୍ପାନିର ପଥର ଛାପାରେ ମୁଦ୍ରିତ ହୋଇ ପତ୍ରିକାର ଅଧିକାରୀଙ୍କ ସକାଶେ ପ୍ରଚାର କରାଗଲା ।

Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦ ପତ୍ରିକା

| | | |
|---|---|---|
| ୧ ଭାଗ<br>୨୧ ସଂଖ୍ୟା | ତା ୨୯ରିଖ ମାହେ ଡିସମ୍ବର<br>ସନ ୧୮୬୬ ମସିହା । ମୁ ।<br>୧୫ ଦିନ ପୌଷ ସନ<br>୧୨୭୪ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫୲<br>ବର୍ଷାନ୍ତେ ମୂଲ୍ୟଦେଲେ ବର୍ଷକୁ ଟ ୬୲<br>ମଫସଲ ଗ୍ରାହକ ମାନଙ୍କୁ<br>ମୂଲ୍ୟ ଛଡ଼ା ଡାକମାସୁଲ<br>୧ ବର୍ଷକୁ ଟ ୩। |


## ଆଗାମୀ ବର୍ଷପାଇଁ କି ସାହାଯ୍ୟ ଆବଶ୍ୟକ—

ଏ ଦେଶରେ ପୂର୍ବରୁ ଏହି ରୀତ ଦେଖା ଯାଉଅଛି ଯେ ଶୀତକାଳରେ ଶସ୍ୟର ଯେ ଖାଉ ହୁଅଇ ଅନ୍ୟ ଋତୁମାନଙ୍କରେ ସେଥିରୁ ଅଧିକ ଭିନ୍ନ କଦାଚ ନ୍ୟୂନ ନହୁଅଇ ଓ ବୋଧ ହୁଅଇ ଯେ ଶୀତକାଳର ଖାଉର ସମାଲୋଚନା ପୂର୍ବକ ଗ୍ରୀଷ୍ମ ଓ ବର୍ଷା କାଳରେ ଶସ୍ୟର ଦର କେତେହେବ ତାହା ଏକପ୍ରକାର ସ୍ଥିର ହୋଇପାରେ । ଏଥିକୁ ଦେଖାଯାଏ ଯେ ବର୍ତ୍ତମାନ କଟକରେ ଚାଉଳ ଟଙ୍କାକୁ ୧୦ ସେର ଅଥବା ମଫହଲରେ ଧାନ ୩୦ ସେରରୁ ଅଧିକ ପ୍ରାପ୍ତ ହେଉନାହିଁ । ଖାଉ ଊଣା ହେବାର କାରଣ ସମସ୍ତ ଅବଧି ଅଛି । ତଥାପି ଏବର୍ଷ ବିଶେଷ ସସ୍ତା ହେବାର କୌଣସି ସୂଚନା ଦେଖାଯାଉ ନାହିଁ ।

ଯେବେ କି ଯାନୁଆରି ମାସରେ ଅକ୍ଲେଶରେ ଟଙ୍କାକୁ ୧୬ ସେର ଚାଉଳ ପ୍ରାପ୍ତ ହେବ ତେବେ ଜ୍ୟେଷ୍ଠ ଓ କାର୍ତ୍ତିକ ମାସରେ ଓ ସମ୍ବଲପୁରରୁ ଆମଦାନି ହେଲେ ବର୍ଷାକାଳରେ ଟଙ୍କାକୁ ୬ ସେରରୁ ଅଧିକ ମିଳିବାର ସୁକଠିଣ । ମାତ୍ର ସରକାର ଏ ବିଷୟ ପୂର୍ବରୁ ଉଦ୍‌ଯୋଗୀ ହେଉଅଛନ୍ତି ଓ ବଙ୍ଗଳା ଓ ସମ୍ବଲପୁର ଦିଗରେ ଉତ୍ତମ ଫସଲ ହୋଇଅଛି । ଏଣୁକରି ବୋଧ ହୁଅଇ ଯେ ଖାଉ ବସ୍ତୁର ଅଧିକା ହୋଇ ନପାରିବ ଓ ତାହା ନହେଲେ ସୁଦ୍ଧା କଟକ ଓ ପୁରୀ ଜିଲାର ଲୋକମାନେ ଯେ ସ୍ୱଚ୍ଛନ୍ଦରେ ରହିବେ ଏମନ୍ତ ବୋଧ ହେଉନାହିଁ । କାରଣ ଟଙ୍କାକୁ ୧୦।୧୨ ସେର ଚାଉଳରେ ଖର୍ଚ୍ଚ କରିବେ ଏପ୍ରକାର ଲୋକ ଏ ସ୍ଥାନ ମାନଙ୍କରେ ଅତ୍ୟଳ୍ପ ଓ ଯାହାଙ୍କ ହାତରେ କିଞ୍ଚିନ୍ମାତ୍ର ଅର୍ଥ ଥିଲା ତାହା ସେମାନେ ଗତବର୍ଷ ଦୁର୍ଭିକ୍ଷରେ ବ୍ୟୟ କରି ପ୍ରାଣରକ୍ଷା କରି ଅଛନ୍ତି ଅତଏବ ଏମାନେ ଯେ ରୂପେ

Digitized by srujanika@gmail.com

Split by PDF Splitter



ଅର୍ଥପ୍ରାପ୍ତ ହୁଅନ୍ତି ସେଥିର ଉପାୟ କରିବା ଉଚିତ । ଅନ୍ନଛତ୍ରରେ ଏମାନଙ୍କୁ ଖୁଆଇବାର ପ୍ରଥା ସହଜ କି ଉଚିତକର ନୁହଇ । ସେଥିରେ ସରକାରର ଅନେକ ବୃଥା ବ୍ୟୟରେ ସୁଦ୍ଧା ଇଷ୍ଟସାଧନ ହୁଅଇ ନାହିଁ । କେବଳ ଅକ୍ଷମ ଲୋକଙ୍କୁ ଅନ୍ନଛତ୍ରରେ ରଖିବାର ଉଚିତ ଅବଶିଷ୍ଟ ସମସ୍ତ ଲୋକ ଆପଣା ଆପଣା ପରିଶ୍ରମ ଦ୍ୱାରା ଜୀବନଧାରଣ ସକାଶେ ଯେ ରୂପେ ପ୍ରବୃତ୍ତ ହୁଅନ୍ତି ତାହା ଅବଶ୍ୟ କର୍ତ୍ତବ୍ୟ ଆମ୍ଭେମାନେ ବିବେଚନା କରୁଁ ଯେ ସରକାର ଏ ସମୟର ଏ ଜିଲାର ବାରିକ ମାଷ୍ଟର କର୍ମ ବିସ୍ତର ପରିମାଣରେ ହେବାର ମଞ୍ଜୁର ନକଲେ ଏ ସ୍ଥାନରେ ଦୁଃଖୀ ଲୋକମାନେ ୧୬ ସେର ଚାଉଳରେ ମଧ୍ୟ ଦୁର୍ଭିକ୍ଷର ସମ୍ପୂର୍ଣ୍ଣ ଦୁର୍ଦ୍ଦଶା ଭୋଗ କରିବେ । ବାରିକ ମାଷ୍ଟର କର୍ମଦ୍ୱାରା ପର୍ଦ୍ଦାନସୀନ ସ୍ତ୍ରୀ ମାନଙ୍କର ଅବସ୍ଥା ପ୍ରତି ଦୃଷ୍ଟି ରଖିବାକୁ ହେବ । ଯଦ୍ୟପି ଇଚ୍ଛାକଲେ ଅକ୍ଳେଶରେ ମଜୁରି କର୍ମ ପ୍ରାପ୍ତ ହେବ ଓ ଉଚିତ ମୂଲ୍ୟ ଅର୍ଥାତ ବର୍ତ୍ତମାନ ଅବସ୍ଥା ଅବଲୋକନରେ ପ୍ରତ୍ୟହ ୫୦। ମୂଲ୍ୟ ଅର୍ଜ୍ଜନ କରିବେ ତାହାହେଲେ ଅନେକ ଲୋକ ନିଶ୍ଚିନ୍ତ ରହିବେ ଓ ପ୍ରାୟ କେହି ଶସ୍ୟର ଅଧିକ ମୂଲ୍ୟରୁ କଷ୍ଟ ପାଇବେ ନାହିଁ ।

ଯାହାହେଉ ଏବର୍ଷ ବାରିକ ମାଷ୍ଟର କର୍ମର ଅଭାବ ନାହିଁ । ଯେଉଁଠାରେ ଗତ ବର୍ଷିରେ ଜଳମାନ ଭାଙ୍ଗି ଯାଇଅଛି ଓ ଆଗତ କାଳର ବର୍ଷି ଉପରେ ଯେ ସମସ୍ତ ବନ୍ଧ ଦୃଢ଼ ରୂପେ ନିର୍ମାଣ କରିବାକୁ ହେବ । କେବଳ ସେହି ସମସ୍ତ କର୍ମରେ ମଫସଲର ଅଧିକାଂଶ ଲୋକ ସାହାଯ୍ୟ ପାଇବେ ଓ ଏ କର୍ମ ସର୍ବାଗ୍ରେ କର୍ତ୍ତବ୍ୟ କାରଣ ଯେଉଁଠାରେ ବନ୍ଧ ଭାଙ୍ଗିଅଛି ସେଠା ଲୋକ ବିଶେଷ ହାନିରେ ପଡ଼ିଅଛନ୍ତି ଓ ସେହି ସ୍ଥାନରେ କର୍ମ ହେଲେ ସେମାନଙ୍କର ଉଚିତ ଉପକାରରେ ଆସିବ ।

ଉପର ଲେଖିତ ଉପାୟ ଭିନ୍ନ ଅନ୍ୟ ଏକ ଉପାୟ ଆମ୍ଭେମାନେ ପ୍ରସ୍ତାବ କରୁଅଛୁଁ ତାହା ଏହି ଯେ ଦୁର୍ଭିକ୍ଷ ସାହାଯ୍ୟ କମିଟୀ ଅଥବା ଗବର୍ଣ୍ଣମେଣ୍ଟ ସମ୍ପୂର୍ଣ୍ଣ ଓ ସ୍ୱଳ୍ପ ପରିଶ୍ରମର ଲୋକଙ୍କୁ କର୍ମ ଓ ଅନ୍ୟ ଲୋକଙ୍କୁ ଶିକ୍ଷା ଦେବା ସକାଶେ ଇରିଗେସନ ଡିପାର୍ଟମେଣ୍ଟର ପ୍ରସ୍ତୁତ କଟ୍ଟା କେନ୍ଦ୍ରାପଡ଼ା ନାଳର ଦୁଇ ପାର୍ଶ୍ୱରେ ଭୂମି ପଟ୍ଟାନେଇ ଆଦର୍ଶ କ୍ଷେତ୍ରମାନ ପ୍ରସ୍ତୁତ କରନ୍ତୁ । ଯେ ଯେ ଫସଲ ସମୟରେ ହୋଇପାରେ ଅଥବା ଜଳ ଦେଲେ ଯଦ୍ୟପି ସମସ୍ତ ଫସଲ ହୋଇପାରେ ସେ ସମସ୍ତ ପ୍ରତ୍ୟକ୍ଷ ଦେଖାଇବାପାଇଁ ଯତ୍ନ କଲେ ଅବଶ୍ୟ ସର୍ବସାଧାରଣ ଉପକାର ଓ ସରକାରର ବ୍ୟୟର ସାର୍ଥକ ହେବ । ଏଥିରେ ଉତ୍ପନ୍ନରୁ ସରକାରୀ ଖର୍ଚ୍ଚମାନ ଆଦାୟ ଓ ଏକପ୍ରକାର ବିନା ବ୍ୟୟରେ ଅନେକ ଲୋକର ପ୍ରତିପାଳନ ହେବ ସନ୍ଦେହ ନାହିଁ ।

ଆମ୍ଭେମାନେ ଏଥିପାଇଁ ସରକାରଙ୍କୁ ଓ ସ୍ଥାନୀୟ ଜମିଦାରମାନଙ୍କୁ ପୁନଃପୁନଃ ଅନୁରୋଧ କରୁଅଛୁଁ ଯେ ଯେବେ ବାସ୍ତବରେ ଆମ୍ଭର ରକ୍ଷକମାନେ ବିଶ୍ୱାସ କରନ୍ତି

Digitized by srujanika@gmail.com

Split by PDF Splitter



ଯେ ଇରିଗେସନ କୃମ୍ପାନିର ଖାଲଦ୍ୱାରା ଦେଶର ମଙ୍ଗଳ ହେବ ଓ ଜଳର ସୁଯୋଗ ହେଲେ ସବ୍ବକାଳରେ ଫସଲ ଉତ୍ପନ୍ନ କରିବାର ସମ୍ଭବ ତେବେ ଉକ୍ତ ବିଷୟର ପ୍ରମାଣ କାର୍ଯ୍ୟଦ୍ୱାରା ଦେଖାଇଲେ ସବ୍ବସାଧାରଣର ଦୃଢ଼ ବିଶ୍ୱାସ ହେବ ସନ୍ଦେହ ନାହିଁ ଓ ସବ୍ବପ୍ରକାରେ ସରକାର କୃତକାର୍ଯ୍ୟ ହେବେ ।

ନିତାନ୍ତ ଯେବେ ସରକାର ଏ କର୍ମରେ ପ୍ରବୃତ୍ତ ନହୁଅନ୍ତି ତେବେ ଇରିଗେସନ କୃମ୍ପାନିର ଉଚିତ ଯେ ବୃହତ ପରିମାଣରେ କ୍ଷେତ୍ର ପ୍ରସ୍ତୁତ କରି ଜିଲ୍ଲାର ପ୍ରଧାନ ପ୍ରଧାନ ଭୂମ୍ୟାଧିକାରୀ ବ୍ୟକ୍ତିମାନଙ୍କୁ ସେ ସମସ୍ତ ଦର୍ଶନାର୍ଥେ ଆହ୍ୱାନ କରନ୍ତୁ ଯେ ସେମାନେ ଖାଲରୁ କି ଉପକାର ହେବ ସେଥିର ପ୍ରତ୍ୟକ୍ଷ ପରିଚୟ ପାଇବେ ।

---

## ଅଧିକାର ଛଳରେ ଅନ୍ୟାୟ କରିବା

ଗଲାତ ମାସ ତା ୧୭ ରିଖର ହିନ୍ଦୁ ପେଟ୍ରିଅଟରେ "ଜମିଦାର ଓ ହାକିମମାନେ" ଏହି ନାମଧେୟରେ ଗୋଟିଏ ପ୍ରସ୍ତାବ ଲେଖା ହୋଇଅଛି ତାହା ପାଠ କରିବାରେ ଜଣାଗଲା ଯେ ବଙ୍ଗଦେଶରେ ଓ ମଧ୍ୟ କଲିକତା ନିକଟରେ କେବେ କେବେ ସରକାରୀ କର୍ମଚାରୀମାନେ ଅନ୍ୟାୟ ଅଧିକାର ପ୍ରକାଶ ଦ୍ୱାରା ପ୍ରଜାପୀଡ଼ନ କରି ପାରନ୍ତି । ଆମ୍ଭେମାନେ ଅନେକ ସମୟରେ ଏକ ଏକ ହାକିମ ଅଥବା ଅଧୀନ କର୍ମଚାରୀଙ୍କ ବ୍ୟବହାର ଦୁଃଖର ସହିତ ଦେଖି ମନେକରିଥାଉଁ ଯେ ଆମ୍ଭମାନଙ୍କ ପ୍ରଦେଶ ରାଜଧାନୀରୁ ଅଧିକ ଅନ୍ତରରେଥିବା ଓ ଏଠାକାର ଲୋକମାନେ ଦୁର୍ଭାଗ୍ୟ ବଶତଃ ନିତାନ୍ତ ଶାନ୍ତ ସ୍ୱଭାବ ଥିବାରୁ ଦେଶୀ ଦେଶୀ କର୍ମଚାରୀ ନିର୍ଭୟରେ ଅଧିକାରର ଅତିରିକ୍ତ କର୍ମ କରନ୍ତି । ମାତ୍ର କଲିକତା ନିକଟରେ ଏରୂପ ହେବାର ଶ୍ରବଣ କରି ଆମ୍ଭମାନଙ୍କର ଶଙ୍କା ହେଉ ଅଛି ଯେ ଏପରି ଦୁଷ୍ଟରୀତି ନିବାରଣର ପ୍ରାୟ କୌଣସି ଆଶା ନାହିଁ । ନଚେତ୍ କଲିକତା ନିକଟରେ ଏହା କିରୂପେ ଘଟିବାର ସମ୍ଭବ ଥିଲା ।

ହିନ୍ଦୁ ପେଟ୍ରିଅଟରେ ଯେ ଘଟଣାର ଉଲ୍ଲେଖ ହୋଇଅଛି ତାହା ଏହି ଯେ ଜଣେ ଜମିଦାରର ବଗିଚାରେ ସେ ଇଲାକାର ଡେପୋଟୀ କଲେକ୍ଟରଙ୍କ ଗସ୍ତ ସମୟରେ ତମ୍ବୁ ପ୍ରସ୍ତୁତ ପାଇଁ ନାଳର ସ୍ଥିର ହେଲା ମାତ୍ର ଜମିଦାର ଅନୁପସ୍ଥିତରେ ତାହାଙ୍କ ଅନୁମତି ବିନା ତାଙ୍କ ସମ୍ପତ୍ତି ଉପରେ ଡେରା ଖଡ଼ା କରିବାରେ ଜମିଦାରର କର୍ମଚାରୀମାନେ ଆପତ୍ତି କରିଥିବାରୁ ସ୍ୱଭାବତଃ ନାଜର ବିରକ୍ତ ହୋଇଥିଲା ଓ ଡେପୋଟି ମହାଶୟ ସେକଥା ଅବଗତ ହେଲାରୁ ରୁଷ୍ଟ ହୋଇ ପରଦିନ ପ୍ରାତଃ କାଳରୁ

Digitized by srujanika@gmail.com

Split by PDF Splitter



ସେଠାରୁ ତେଶୁଷଙ୍କ ସ୍ଥାନାନ୍ତରକୁ ଗଲେ ତଦ୍ଭିର କିଛି ଦିନ ପରେ ଡେପୁଟି କଲେକ୍ଟରଙ୍କ ନୌକା ଆବଶ୍ୟକ ହେବାରୁ ନାଜର ଓ କୋର୍ଟ ଇନସ୍ପେକ୍ଟର ଉପଯୁକ୍ତ କାରଣରୁ ହେଉ ଅଥବା ଅଧୀନ କର୍ମଚାରୀମାନେ ହାକିମଙ୍କ ଆଜ୍ଞା ପାଇଲେ ଯେରୂପ ହୁଅନ୍ତି ସେଥିରୁ ହେଉ ଉକ୍ତ ଜମିଦାରର ଦୁଇଖଣ୍ଡ ନୌକା ନେବାକୁ ଇଚ୍ଛା କଲେ । ସେଥିରେ ଜମିଦାରର ନାଏବ ଓ ଅନ୍ୟ ଚାକରମାନେ ସ୍ଥାନାନ୍ତରକୁ ହେସାବ ବୁଝାଇବା କାରଣ ଆସିଥିଲେ ଓ ସେଥିରେ ତାଙ୍କ ସଙ୍ଗରେ ପଦାର୍ଥମାନ ଥିଲା । ନାଜର ଓ କୋର୍ଟ ଇନସ୍ପେକ୍ଟର ନିତାନ୍ତ ସେହି ନୌକା ସବୁ ନେବାର ସ୍ଥିର କରି ଜିନିଷପତ୍ରୁ ଭଳାରୁ ଫୋପାଡ଼ିଦେଇ ଲୋକମାନଙ୍କୁ ଅପମାନ କରଣାନ୍ତର ହାଜତରେ ପ୍ରାୟ ଦୁଇଘଣ୍ଟାକାଳ ରଖିଲେ । ପଛେ ଜମିଦାରଠାରୁ ସମ୍ବାଦପାଇ ସେମାନଙ୍କୁ ଖଲାସ ଦେଲେ । ବଙ୍ଗଳା ପକ୍ଷରେ ଏ ଅତ୍ୟାଚାର ଅଧିକ ହୋଇଅଛି ମାତ୍ର ଏକ ଏକ ସମୟରେ ଓଡ଼ିଶାରେ ଏଥିରୁ ଅଧିକ ଘଟିଥାଏ ଅଧିନ କର୍ମଚାରୀଙ୍କ କଥା ଦୂରେ ଥାଉ କେହି କେହି ହାକିମ ମଧ ନିର୍ଦ୍ଦୋଷ ପ୍ରଜାଙ୍କ ଉପରେ ହସ୍ତ ପ୍ରସାରଣ ଓ ମିସିଲରେ କୁତ୍ସିତ ବାକ୍ୟଦ୍ୱାରା ଅମଲା ଓ ମାମଲତକାରଙ୍କୁ ସମ୍ମାନ କରିଥାନ୍ତି । ମଫସଲର କଥାତ ସ୍ଥାନ ବିଶେଷରେ ଓ ବ୍ୟକ୍ତି ବିଶେଷରେ ଅସହ୍ୟ ହୋଇ ଉଠଇ । ଏମନ୍ତ ଶୁଣାଯାଏ ଯେ ଏକ ଏକ ସମୟରେ କାହାରଘରେ ସର୍ପ ଦଂଶନ ଅଥବା ଅନ୍ୟ ପ୍ରକାର ଅପମୃତ୍ୟୁ ଦ୍ୱାରା କେହି ମରିଗଲେ ଚଉକିଆ କି ପୁଲିସର ସାମାନ୍ୟ କର୍ମଚାରୀ କିଛି ହସ୍ତଗତ ନ କଲେ ମୁରଦାର ଉଠାଇ ଦିଅନ୍ତି ନାହିଁ । ମଫସଲର ଅନେକ ଲୋକ ଦରବାରର କଥା ନ ଜାଣନ୍ତି ଓ ଦୂରତା ଓ କଷ୍ଟ ଓ ବ୍ୟୟ ଭୟରେ ହାକିମଙ୍କ କର୍ଣ୍ଣଗୋଚର କରିବାକୁ ଆସନ୍ତି ନାହିଁ ଏଥିରେ ଉକ୍ତ କର୍ମଚାରୀମାନେ ସାହାସ ଲାଭକରି କ୍ରମଶଃ ଅଧିକ ଦୌରାତ୍ମ୍ୟକର ହୋଇ ଉଠନ୍ତି । ଏ ସମସ୍ତ ନିବାରଣ ନିମନ୍ତେ ପ୍ରଧାନ ହାକିମମାନେ କିରୂପ ଯତ୍ନ କଲେ କୃତକାର୍ଯ୍ୟ ହେବେ ଯଦ୍ୟପି କି ତାହା ଆମ୍ଭେମାନେ ସ୍ପଷ୍ଟରୂପେ କହିପାରୁ ନାହୁଁ ତଥାଚ ଆମ୍ଭମାନଙ୍କର ବିଶ୍ୱାସ ହୁଅଇ ଯେ ଗୁପ୍ତରୂପେ ଅନୁସନ୍ଧାନ କଲେ ଓ ମଫସଲର ଗସ୍ତ ସମୟରେ ଜମିଦାର ଓ ପ୍ରଧାନବ୍ୟକ୍ତିଙ୍କ ସଙ୍ଗେ ଆଳାପ କଲେ ଅନେକ କଥା ଶ୍ରବଣ କରି ସତର୍କ ହେବେ ସନ୍ଦେହ ନାହିଁ । ଏ ପରି ଦେଶୀୟ ଲୋକଙ୍କ ଉଚିତ ଯେ ମଫସଲରେ କେହି କର୍ମଚାରୀ ଅନ୍ୟାୟ ବ୍ୟବହାର କଲେ ତାହାକୁ ଉତ୍ତର କାଳକୁ ବହୁତ ଦଣ୍ଡରେ ପହୁଞ୍ଚାଇବାର ଚେଷ୍ଟା କରିବେ । ଓ ଅପମାନିତ ବ୍ୟକ୍ତିର ଜମିଦାର ଓ ଆତ୍ମୀୟ ବ୍ୟକ୍ତିଙ୍କ ଉଚିତ ଯେ ତାହାର ଦୁଃଖ ଜଣାଇବା କାରଣ ତାହାକୁ ଯଥାସାଧ୍ୟ ସାହାଯ୍ୟ ଓ ଉତ୍ସାହ ଦେବେ । ତାହା ହେଲେ କ୍ରମେ ଏ କର୍ମମାନ ଅଦୃଶ୍ୟ ହେବ ସନ୍ଦେହ ନାହିଁ ।

Digitized by srujanika@gmail.com

Split by PDF Splitter



## ପ୍ରାପ୍ତ—

## ଦେଶହିତୈଷିକା—

କରୁଣା ନିଧାନ ପରମେଶ୍ୱର ଆମ୍ଭମାନଙ୍କୁ ଅଶେଷକର୍ମରେ ନିପୁଣତା ଲାଭାର୍ଥ ପୂର୍ବରେ ସଂସାର ଯାତ୍ରାନିର୍ବାହ କରିବା ପାଇଁ ନାନାବିଧ ପ୍ରବୃତ୍ତିପ୍ରଦାନ କରିଅଛନ୍ତି । ତନ୍ମଧ୍ୟରେ କେତେକ ସତ୍ ଓ କେତେକ ଅସତ୍ ପ୍ରବୃତ୍ତି ଓ ଯେତେବେଳେ ଆମ୍ଭେମାନେ କୌଣସି ସତ୍‌ବିଷୟରେ ଆଲୋଚନା କରି କେତେବେଳେ ତାହା ସତ୍ ପ୍ରବୃତ୍ତି ବା ଧର୍ମ ପ୍ରବୃତ୍ତିର କାର୍ଯ୍ୟ ବୋଲି କଥିତ ହୁଏ । ଆଉ ଯତ୍‌କାଳରେ କୌଣସି ଅସତ୍ ପ୍ରବୃତ୍ତିର ଆଧିକ୍ୟ ସ୍ୱୀକାର ପୂର୍ବକ କର୍ମରେ ନିଯୁକ୍ତ ହେଉଁ ତତ୍‌କାଳେ ତାହା ଅବଶ୍ୟହିଁ ସତ୍‌ପ୍ରବୃତ୍ତିର କାର୍ଯ୍ୟବୋଲି ଗଣନୀୟ ହେବ ।

ଏକଥା ଅବଶ୍ୟ ବକ୍ତବ୍ୟ ଯେ ଯେରୂପ ଈଶ୍ୱର ଆମ୍ଭମାନଙ୍କୁ ଅସତ୍‌ପ୍ରବୃତ୍ତିମନ୍ତ କରି ସୃଷ୍ଟି କରିଅଛନ୍ତି ସେରୂପ ମଧ୍ୟ ସତ୍‌ପ୍ରବୃତ୍ତିମନ୍ତ ଓ ବୁଦ୍ଧିମନ୍ତ କରିବାକୁ ଶୈଥିଲ୍ୟ କରି ନାହାନ୍ତି । ଯେତେବେଳେ ଆମ୍ଭେମାନେ ସାବଧାନ ହୋଇ ବୁଦ୍ଧି ଓ ସତ୍‌ପ୍ରବୃତ୍ତିକୁ ଅଗ୍ରସର କରି କୌଣସି କର୍ମରେ ପ୍ରବୃତ୍ତ ହେଉଁ ଯେତେବେଳେ ଆମ୍ଭମାନଙ୍କର ମନରେ ନାନାପ୍ରକାର ବିଶୁଦ୍ଧ ସତ୍‌ଫଳ ଜନକ କର୍ମର ଉଦୟ ହୁଏ ତନ୍ମଧ୍ୟରେ ଦେଶ ହିତୈଷିତା, ସତ୍ୟବାଦିତା, ପରୋପକାର ଓ ସର୍ବସ୍ୱ ସଦାଚରଣ ପ୍ରଧାନ ଅଟଇ ବର୍ତ୍ତମାନ ଆମ୍ଭେ ଦେଶ ହିତୈଷିତା ବିଷୟ ବର୍ଣ୍ଣନରେ ପ୍ରବୃତ୍ତ ହେଲୁଁ ।

ଯଦ୍ରୂପ ପାରିବାରିକ କାର୍ଯ୍ୟ ଆମ୍ଭମାନଙ୍କର ଅବଶ୍ୟ କର୍ତ୍ତବ୍ୟ ଅଟେ, ତଦ୍ରୂପ ଦେଶହିତ ସାଧନ କର୍ମ ମଧ୍ୟ ଅବଶ୍ୟ କରଣୀୟ । ଦେଶୀୟ ସର୍ବପଦସ୍ଥ ବ୍ୟକ୍ତିମାନଙ୍କୁ ଭ୍ରାତୃନିର୍ବିଶେଷରେ ବ୍ୟବହାର କରିବା କି ଆମ୍ଭମାନଙ୍କର ଉଚିତ ନୁହେଁ ? ଜନନୀ ଓ ଜନ୍ମଭୂମି ଏହି ପଦାର୍ଥ ଦ୍ୱୟ ସ୍ୱତଃସିଦ୍ଧ ରୂପେ ସମାନ ଅଟନ୍ତି ଯେବେ ଜନନୀର ଦୁଃଖ ନିବାରଣ ପୂର୍ବର କର୍ତ୍ତବ୍ୟ ହୁଏ ତେବେ ସାଧ୍ୟ ମତ ଜନ୍ମଭୂମିର ଦୁଃଖ ନାଶନ କର୍ତ୍ତବ୍ୟ ନୁହେଁ । ଏହା କଦାପି ବୁଦ୍ଧିମାନ ବ୍ୟକ୍ତି ସ୍ୱୀକାର କରିବେ ନାହିଁ ।

ଯେବେ ଈଶ୍ୱର ନିର୍ମିତ ଏହି ଜଗତସ୍ଥ ସୁଖ ସମୂହରୁ ଦେଶୀୟ ଭ୍ରାତୃମାନଙ୍କୁ ବଞ୍ଚିତ ରଖିବା ଉଚିତ ହୁଏ ଯେବେ ଅବ୍ୟବହିତ ପାର୍ଶ୍ୱବର୍ତ୍ତୀ ଲୋକଙ୍କଠାରୁ ସ୍ୱଦେଶୀୟଙ୍କୁ ହୀନଦଶାଗ୍ରସ୍ତ ଓ ତୁଚ୍ଛୀକୃତ ଦେଖିବା କର୍ତ୍ତବ୍ୟ ହୁଏ । ଯେବେ ସ୍ୱଦେଶରେ ଜ୍ଞାନ ପ୍ରଦୀପର ନିର୍ମଳ ଜ୍ୟୋତି ପ୍ରତିଫଳିତ କରିବା ଅକରଣୀୟ ହୁଏ ଓ ଯେବେ ଭୂମଣ୍ଡଳସ୍ଥ ଉଚ୍ଚ ପଦବୀ ଆରୂଢ଼ବାସୀମାନଙ୍କର ସମକକ୍ଷ ହେବାର ବାସନା

Digitized by srujanika@gmail.com

ଅଯୁକ୍ତି ସିଦ୍ଧ ହୁଏ ତେବେ ଦେଶ ହିତ ସାଧନ କର୍ମର ନିବୃତ୍ତି ରହିବା ମଧ୍ୟ ସମୁଚିତ ଅଟେ । ଦେଶୀୟ ରାଜା ଭୂମ୍ୟଧିକାରୀ ଓ ପ୍ରଧାନ ପ୍ରଧାନ ଧନାଢ୍ୟ ବ୍ୟକ୍ତିମାନଙ୍କ ଦ୍ୱାରା ଏହି ସତ୍କର୍ମ ଯେତେ ପ୍ରବଳ ରୂପେ ପ୍ରତି ପାଳିତ ହେବାର ସମ୍ଭାବନା ତାହା ଅନ୍ୟ ଇତରଦ୍ୱାରା ଅସମ୍ଭବ ଅଟେ । ମାତ୍ର ଏହା ବୋଲିକି ଆମ୍ଭମାନଙ୍କର ସୃଷ୍ଟିର କେନ୍ଦ୍ରରେ ଦେଶୀୟ ଭ୍ରାତୃଗଣର ନାନାବିଧ ବିଲୋକନ କରିବାର ଉଚିତ ହୁଏ ? ଆମ୍ଭମାନଙ୍କ ଦ୍ୱାରା ସାଧ୍ୟ ପ୍ରତିପାଳିତ ହେଲେ କି ତଦୁପଯୋଗୀ ଫଳବନ୍ତ ହେବନାହିଁ ତେବେ ଆମ୍ଭମାନଙ୍କର ଆତ୍ମୀୟ ବନ୍ଧୁବାନ୍ଧବଙ୍କ ନାହାରି x x x ଙ୍କର କର୍ତ୍ତବ୍ୟ ଅଟେ । ତେବେ କି x x x x x x x x x x x x x x x x x x x x x x x x x x x x x x x ମୂଢ ବ୍ୟକ୍ତି ହୋଇପାରେ ? ପୁଣ୍ୟାତ୍ମା ଦେଶହିତ ସାଧକ ବ୍ୟକ୍ତି କଦାପି ସମ୍ମୂଢ଼ ଆତ୍ମ ମୃତର ସମାନ ନୁହନ୍ତି । ତାହାଙ୍କର ପ୍ରଶସ୍ତ ହୃଦୟରେ କେବଳ ଦେଶ ହିତକର ବିଷୟ ହିଁ ସମାଲୋଚିତ ହେଉଥାଏ । ସମୟ କ୍ରମେ ତାହାଙ୍କର ଚିର ବାଞ୍ଛିତ କିମ୍ବା ସୁ ସମ୍ପାଦିତ ହୋଇ ତତ୍ କର୍ତ୍ତୃକ ଅନେକାଂଶରେ ପୃଥିବୀର ପାପସ୍ତ୍ରର ନାଶ ନୁହେଁ ।

ହେ କ୍ଷମତାଶାଳୀ ବଙ୍ଗାବଙ୍କ ଧନାଢ୍ୟ ବ୍ୟକ୍ତିମାନେ ! ଆପଣମାନେ କିଞ୍ଚିତ ଶ୍ରମ ସ୍ୱୀକାର ପୂର୍ବକ ଏହି କେତେକ ପଂକ୍ତି ପାଠକରି ଅବଗତ ହଅନ୍ତୁ । ଆପଣମାନଙ୍କର ପରିଶ୍ରମିତ ସମସ୍ତ ଅକାରଣ କ୍ରୀଡ଼ାରେ ଗ୍ରାସିତ ହେଉଅଛି ତାହା ଯେବେ ଦେଶ ହିତକର ବିଷୟରେ ବ୍ୟୟିତ ହୁଅନ୍ତା ତେବେ ଅଳ୍ପ ଦିବସରେ ଆମ୍ଭମାନଙ୍କର ଜନ୍ମଭୂମି ରତ୍ନ ପ୍ରସବା ହୁଅନ୍ତା ଏଥିରେ ସନ୍ଦେହ ନାହିଁ ।

---

## ସାପ୍ତାହିକ ସଂବାଦ—

ଦୁର୍ଭିକ୍ଷ କମିସ୍ନର ସାହେବମାନେ ଏଠାରେ ପ୍ରବେଶ ହୋଇ ଚଳିତ ମାସ ତା ୨୪ ରିଖରୁ କର୍ମାରମ୍ଭ କରିଅଛନ୍ତି । ବର୍ତ୍ତମାନ ପୁରୀଜିଲ୍ଲା ସଙ୍କ୍ରାନ୍ତ କର୍ମ ହେଉଅଛି । ଶ୍ରୀଯୁକ୍ତ ବାବୁ ଶିବ ପ୍ରସାଦ ସିଂହ ମୁନସଫ ଓ ଶ୍ରୀଯୁକ୍ତ ବାବୁ ଦ୍ୱାରିକା ନାଥ ଚକ୍ରବର୍ତ୍ତୀ ସ୍କୁଲ ଇନସ୍ପେକ୍ଟରଙ୍କ ଯୋଗାନ ବନ୍ଦୀ ହୋଇଅଛି ଏମାନେ ଦୁର୍ଭିକ୍ଷ ସମୟରେ ପୁରୀଜିଲ୍ଲାରେ ଥିଲେ । ସର୍ବସାଧାରଣଙ୍କୁ ବିଜ୍ଞାପନ ଦିଆଯାଇଅଛି ଯେ ଦୁର୍ଭିକ୍ଷ ସମ୍ବନ୍ଧରେ ଯାହାର ଯାହା ବକ୍ତବ୍ୟ ଥାଏ ସେମାନେ ସେ ସମସ୍ତ ଲେଖି ପଠାଇବେ ଅଥବା ସ୍ୱୟଂ ଉପସ୍ଥିତ ହୋଇ ବ୍ୟକ୍ତ କରିବେ । କମିସ୍ନରମାନେ ଯଥାର୍ଥ ତଥ୍ୟ ଜାଣିବା ସକାଶେ ଅପକ୍ଷପାତ ରୂପେ ଅନୁସନ୍ଧାନ କରିବାରେ ତ୍ରୁଟି କରୁ ନାହାନ୍ତି ।

Digitized by srujanika@gmail.com

Split by PDF Splitter



ମୋଫସଲ ତଦାରଖ ନିମିତ୍ତ ଯେ ସମସ୍ତ ନୂତନ ଡେପୋଟୀକଲେକ୍ଟର ନିଯୁକ୍ତ ହେବାର କଥା ଲେଖିଥିଲୁ ସେମାନେ ଶ୍ରୀଯୁକ୍ତ କମିସନର ସାହେବଙ୍କ ଦ୍ୱାରା ନିଯୁକ୍ତ ହୋଇଅଛନ୍ତି । କଟକରେ ଯେଉଁ ତିନିଜଣଙ୍କ ନାମ ଗତ ପତ୍ରିକାରେ ଲେଖିଥିଲୁଁ ସେହି ତିନିଜଣ ନିଯୁକ୍ତ ହେଲେ । ବାଲେଶ୍ୱର କେବଳ ଏକଜଣ ଡେପୋଟି ଦରକାର ଥିବାରୁ ସେଠାର କଲେକ୍ଟରର ସ୍ତିରସ୍ତାଦାର ଶ୍ରୀଯୁକ୍ତ ବାବୁ ରାଧା ଗୋବିନ୍ଦ ଦାସ ଉକ୍ତପଦରେ ନିଯୁକ୍ତ ହୋଇଅଛନ୍ତି ଓ ପୁରୀରେ ଶ୍ରୀଯୁକ୍ତ ବାବୁ ନରସିଂହ ଚରଣ ଦାସ ସ୍ଥାନିକ ଡେପୋଟି କଲେକ୍ଟର ଓ ଶ୍ରୀଯୁକ୍ତ ବାବୁ ଭାଗବତ ମହାନ୍ତି ଏରୂପ ଦୁଇଜଣ ନିଯୁକ୍ତ ହୋଇ ଅଛନ୍ତି । ଆମ୍ଭମାନଙ୍କର ବିଶ୍ୱାସ ହୁଅଇ ଯେ ଏ ମହାଶୟମାନେ ଉତ୍ତମ ରୂପେ କର୍ମ କରିବାକୁ ସକ୍ଷମ ହେବେ । ଆମ୍ଭେମାନେ ଅବଗତ ହେଲୁଁ ଯେ କେହି ଜମିଦାର ଆପଣାର ଅନିଷ୍ଟ ଭୟରେ ଅନୁସନ୍ଧାନର ଭାରପ୍ରାପ୍ତ ଡେପୋଟୀ କଲେକ୍ଟରମାନଙ୍କୁ ପ୍ରକୃତ କଥାରୁ ବଞ୍ଚିତ କରିବାର ଚେଷ୍ଟା ପାଉଅଛନ୍ତି । ଏକଥା ସତ୍ୟ ହେଲେ ଅତି ଦୁଃଖର ବିଷୟ ସନ୍ଦେହ ନାହିଁ । ଆମ୍ଭେମାନେ ଏ ପ୍ରକାର ଜମିଦାର x x ତାହାଙ୍କୁ ପୁନଃ ପୁନଃ ଅନୁରୋଧ କରୁଅଛୁଁ ଯେ ଆପଣାର x x ଦ୍ୱାରା ସର୍ବସାଧାରଣଙ୍କର ପ୍ରତାରଣା ନ କରନ୍ତୁ ।

ଏ ସପ୍ତାହ ମଧ୍ୟରେ ଓଡ଼ିଶା ପ୍ରଦେଶର ଉଲଲେ x x x x ଭାବରେ ଚାଉଳ ବିକ୍ରୟ ହୋଇଥିଲା । କଟକରେ ଟ୧ଙ୍କାକୁ ସେ୯ର ପୁରୀ ଓ ବାଲେଶ୍ୱରରେ କଟକ ସେ୧୭ର ।

କଲିକତାର ଦୁର୍ଭିକ୍ଷ ସାହାଯ୍ୟ କମିଟି ପ୍ରାୟ ମା୪ସ ଯତ୍ନକାର୍ଯ୍ୟ କରି x x x ଚଳିତ ମାସ ତା୧୨ରିଖରେ ବରଖାସ୍ତ ହେଲା ଏ କମିଟିର ସଭାପତି ଶ୍ରୀଯୁକ୍ତ ହାଗ ସାହେବ ସାହାଯ୍ୟ ଦାନ କର୍ମ ସର୍ବ ପ୍ରକାରରେ ଉତ୍ତମରୂପେ ଚଳାଇ ଦେଶର ବହୁତ ମଙ୍ଗଳ କରିଅଛନ୍ତି ।

କମିଟି ଉଠିଯିବା ଦିନ ତାଙ୍କ ହାତରେ ପ୍ରାୟ ଏକଲକ୍ଷ ପଞ୍ଚସ୍ତରୀ ହଜାର ଟଙ୍କା ବ୍ୟାଙ୍କରେ ଜମା ଥିଲା ଓ ଏ ଟଙ୍କା ମଧ୍ୟରୁ କମିଟି ଅତି ସତ୍ ବିଚାର ପୂର୍ବକ ଗୋଟିଏ ଅରକ୍ଷ ବାଳକଙ୍କ ଚିକିସ୍ତାଳୟ ନିର୍ମାଣ ନିମନ୍ତେ ଏକଲକ୍ଷ ଟଙ୍କା ଦୁର୍ଭିକ୍ଷ ଚିକିସ୍ତାଳୟ ସକାଶେ ଟ ୪୦୦୦ଙ୍କା ଓ ଅବଶିଷ୍ଟ ଟଙ୍କା ଦୁର୍ଭିକ୍ଷ ପୀଡ଼ିତ ଦେଶର ସାହାଯ୍ୟ ସକାଶେ ବୋର୍ଡ଼ ରେବିନ୍ୟୁକୁ ଦେବାର ବିଧାନ କଲେ ।

ଅବଗତ ହେଲୁଁ ଯେ ବାଲେଶ୍ୱର ଜିଲ୍ଲାରେ ତା ୧୭ ରିଖ ନବମ୍ବରରେ ଶେଷ ହୋଇଥିବା ସପ୍ତାହ ମଧ୍ୟରେ ୧:୫୦.୩୩୭ ଜଣ ମନୁଷ୍ୟ ୧୭୭୪ ମହଣ ଚାଉଳ ଓ ଟ ୨୭୦୯ ଙ୍କା ସାହାଯ୍ୟ ପାଇଅଛନ୍ତି । ହିନ୍ଦୁ ପେଟ୍ରିଅଟ ପତ୍ରିକା

Digitized by srujanika@gmail.com

Split by PDF Splitter



ହେସାବ କରି କହନ୍ତି ଯେ ପ୍ରତି ଲୋକ ଏକ ଛଟାଙ୍କିରୁ କିଛି ଅଧିକ ଓ ପ୍ରାୟ ଏକପଇସା ପ୍ରତିଦିନ ପାଇଥିଲେ ଏଥିରୁ ସ୍ୱାସ୍ଥ୍ୟର ଅବସ୍ଥା ବିଚାର କର । ଦ୍ରୌପଦୀ ଯେ ରୂପ କଣିକା ମାତ୍ର ଖାଦ୍ୟରେ ଦୁର୍ବାସାଙ୍କ କେତେ ସହସ୍ର ଶିଷ୍ୟଙ୍କୁ ସନ୍ତୋଷ କରିଥିଲେ ବୋଧ ହୁଅଇ ବାଲେଶ୍ୱର କମିଟି ତଦ୍ରୂପ କରିବାକୁ ଚେଷ୍ଟା କରୁଅଛନ୍ତି । ମାତ୍ର କଳିକାଳରେ ସାମାନ୍ୟ ମନୁଷ୍ୟ ଦ୍ୱାରା ସେ ସମସ୍ତ ସିଦ୍ଧ ହୋଇପାରେ କିନା ଭରସା କରୁଁ ମହାମାନ୍ୟ ଦୁର୍ଭିକ୍ଷ କମିସନରମାନେ ଯଥାର୍ଥ ବିଚାର ଦ୍ୱାରା ତାହା ସ୍ଥିର କରି ସର୍ବସାଧାରଣଙ୍କ ଭ୍ରାନ୍ତି ଦୂର କରିବେ ।

ମାନ୍ଦ୍ରାଜ ଦେଶର ଡାକ୍ତର ସର୍ଟିସାହେବ ଗୋଖର ସର୍ପ ଓ ନେଉଳର ଯୁଦ୍ଧ ଓ ଦୁଇଗୋଟା ଗୋଖର ସର୍ପର ପୃଥକ ଯୁଦ୍ଧ କରାଇଥିଲେ ଓ ଏପରି ହୋଇଥିଲା ଯେ ଏକ ଅନ୍ୟକୁ ଉତ୍ତମରୂପେ ଦଂଶନ କଲା । ମାତ୍ର ଦେଖାଗଲା ଯେ ସର୍ପାଘାତରେ ନେଉଳର ମୃତ୍ୟୁ ହୁଅଇ ଅର୍ଥାତ ଯଦ୍ୟପି ସର୍ପର ବିଷ ତାହା ରକ୍ତରେ ପ୍ରବେଶ ହୁଅଇ ।

କିନ୍ତୁ ଏକ ଗୋଖର ସାପ ଅନ୍ୟ ଏକ ଗୋଖର ଦଂଶନରେ ନମରଇ ବୋଧ ହୁଅଇ ଡାକ୍ତର ମହୋଦୟ ପିଞ୍ଜରା ମଧ୍ୟରେ ନେଉଳ ଓ ସର୍ପଙ୍କୁ ବନ୍ଦ କରି ନଥାଇ କରିଥିବେ କାରଣ ସେ ହେତୁରୁ ନେଉଳ ବଣକୁ ଯାଇ ଆପଣା କାଣିବା ଗଛ ଖାଇ ନ ପାରିଲା । ଡାକ୍ତର ମହାଶୟ ଆହୁରି କହନ୍ତି ଯେ ନସ୍ୟ କିମ୍ବା ନସ୍ୟ ପାଣି ସର୍ପ ପକ୍ଷରେ ତୀକ୍ଷଣ ବିଷ ଅଟଇ । ଏକ ଚମଚା ନାସ କିମ୍ବା ନାସପାଣି ଗୋଖର ସର୍ପର ମୁଖରେ ପକାଇ ଦେଲେ ତାହାର ପ୍ରାଣତ୍ୟାଗ ତତ୍କ୍ଷଣାତ ଏରୂପେ ହୁଅଇ କି ତାରଣିତ ନେଳରେ ଯେରୂପ ଓଡ଼ଣ ନାଶ ହୁଅଇ ।

ପୁଲିସର ବିଚକ୍ଷଣତାର ଦୃଷ୍ଟାନ୍ତ ପ୍ରାୟ ସମସ୍ତ ସମ୍ବାଦ ପତ୍ରିକାରେ ସମୟ ସମୟରେ ପ୍ରକାଶ ହୁଅଇ । ହିନ୍ଦୁ ପେଟ୍ରିଅଟ ଲେଖନ୍ତି ଖୋଦା ବକସ ନାମରେ ଜଣେ ମନୁଷ୍ୟ ଉପରେ କଲିକତାରେ ଗୋଟିଏ ଖୁନକରି ଥିବାର ସନ୍ଦେହ ହୋଇଅଛି ପୁଲିସ ଅନୁସନ୍ଧାନ କରୁଥିଲା ଓ ପାଟନାରେ ସେହି ନାମର ଜଣେ ମନୁଷ୍ୟ ଥିବାର ଜାଣିବାରୁ ତାକୁ ଗିରଫଦାର କରି କଲିକତାକୁ ଆଣି ହାଜତରେ ରଖିଲା । ଏ ଉତ୍ତାରୁ ସେ ଲୋକପ୍ରତି କିଛି ସନ୍ଦେହ ନ ହେବାରୁ ତାକୁ ଖଲାସ ଦିଆଗଲା ।

ଇଙ୍ଗ୍ଲିସମାନ ଲେଖନ୍ତି ଯେ ଅଯୋଧ୍ୟାର ବରଖାସ୍ତି ରାଜା ଆପଣାର ଜ୍ୟେଷ୍ଠ ପୁତ୍ର ମହମଦ ହମିଦଅଲିଙ୍କ ଖୋରାକ ମାସକୁ ଟ ୫୦୦୦ଙ୍କା ଲେଖାଏ ସ୍ଥିର କରିନ୍ତି । ଉକ୍ତ ରାଜାଙ୍କ ନିତ୍ୟ କର୍ମମାନ ଚଳାଇବା କାରଣ ଜଣେ ଦେଓ୍ୱାନ ମୁକରର କରିବା ମାନସ ଗବର୍ଣ୍ଣମେଣ୍ଟ ପରିତ୍ୟାଗ କରିଅଛନ୍ତି ।

Digitized by srujanika@gmail.com

Split by PDF Splitter



ମାନଭୂମ ଓ ହଜାରି ବାଗର ବଣୁଆ ଲୋକମାନେ ଗତ ଦୁର୍ଭିକ୍ଷରେ ଯେଉଁ ପଦମାନ ଖାଉଥିଲେ ସେଥିର ଏକ ଫର୍ଦ୍ଦ ହିନ୍ଦୁ ପେଟ୍ରିଅଟରେ ପ୍ରକାଶ ହୋଇଅଛି । ଉକ୍ତ ଫର୍ଦ୍ଦରୁ ଦେଖାଯାଏ ଯେ ଅନ୍ୟ ଅନ୍ୟ ଫଳ ମୂଳ ମଧ୍ୟରେ ବଟ ଓ ଅଶ୍ୱତ୍ଥ ବୃକ୍ଷର ଫଳ ସୁଦ୍ଧା ଭୋଜନ କରି ଲୋକେ ବଞ୍ଚୁଥିଲେ ।

ଫ୍ରେଣ୍ଡ ଅବ ଇଣ୍ଡିଆ ଲେଖନ୍ତି ଯେ ଏ ବର୍ଷ କଲିକତା ଇଉନିଭର୍ସିଟିର ପ୍ରବେଶିକା ପରୀକ୍ଷା ଦେବା ବାଲକମାନଙ୍କ ସଂଖ୍ୟା ଗତବର୍ଷଠାରୁ ଜାଡୁଉଣା ହୋଇଅଛି । ଅର୍ଥାତ୍ ଗତବର୍ଷ ୧୫୦୦ ଥିଲା ଏ ବର୍ଷ ୧୭୫୦ । ଏଥି ମଧ୍ୟରୁ ୧୦୯୦ ହିନ୍ଦୁ ଓ ବାକି ଅନ୍ୟାନ୍ୟ ଜାତି ଅଟନ୍ତି ।

ଆମ୍ଭେମାନେ ଆହୁରି ଅବଗତ ହେଲୁଁ ଯେ ଉକ୍ତ ପରୀକ୍ଷାର ପ୍ରଶ୍ନ ଫର୍ଦ୍ଦମାନ ବିଲାତରେ ମୁଦ୍ରିତ ହୋଇଥିଲା । ମାତ୍ର ଇଉନିଭର୍ସିଟିରୁ ମଫସଲକୁ ଡାକରେ ଯାଉଁ ଯାଉଁ କେଉଁଠାରେ ଚୋରି ହେଲା । ଏଥିରେ ବୋଧ ହୁଅଇ ଏ ପରୀକ୍ଷା ଗ୍ରାହ୍ୟ ନ ହୋଇ ପୁନର୍ବାର ପ୍ରବେଶିକା ପରୀକ୍ଷା ହେବ ।

ଗତ ମାସ ତା ୫ ରିଖରେ ବୋର୍ଡ଼ ଅଫିସରେ ଯେ ଅଫିମ ନିଲାମ ହେଲା ସେଥିରେ ବାକସକୁ ହାରାହାରି ଟ ୧୨୨୨ ଙ୍କା ଉଠିଲା । ଶ୍ରୀଯୁକ୍ତ ମାସି ସାହେବ ବାକସକୁ ଟ ୧୩୦୦ ଙ୍କା ମୂଲ୍ୟ ଇଷ୍ଟମିଟ କରିଥିଲେ । ଏଥିରୁ ଜଣାଯାଏ ଯେ ଏବର୍ଷ ଅନାଭଣି ରାଜ୍ୟର ଆୟ ଅନେକ କମିହେବ । ଓ ତାହା ପୂରଣ କରିବା ସକାଶେ ନୂତନ ଟେକ୍ସ ଅଥବା ଅନ୍ୟ କୌଣସି ଉପାୟ ଅବଲମ୍ବନ କରିବାକୁ ହେବ । ହିନ୍ଦୁ ପେଟ୍ରିଅଟ କହନ୍ତି ଯେ ଏ ସମୟରେ ନୂତନ ଟିକସ ଆଦାୟ ହୋଇ ନ ପାରେ । ସେନା ଓ ଡାଗକ ମୀସ୍ତ୍ରଣ ଓ ପୁଲିସ ସଂକ୍ରାନ୍ତ ଖର୍ଚ୍ଚର ତତ୍ତ୍ୱାବଧାରଣ କଲେ ଅନେକ ଅନର୍ଥକ ବ୍ୟୟରୁ ସର୍କାର ରକ୍ଷା ପାଇବେ । ଓ ଆୟ ହ୍ରାସ ପୁଞ୍ଜା କିଛି କଷ୍ଟ ହେବନାହିଁ । ଆମ୍ଭେମାନେ ଏ ମତରେ ସମ୍ପୂର୍ଣ୍ଣ ଐକ୍ୟ ଅଟୁଁ । ଡାଶକ ମୀସ୍ତ୍ରର ଇଲାକାର ଅପବ୍ୟୟ ଓ ନୂତନ ସ୍କୁଲସବର ବନ୍ଦୋବସ୍ତ ଲଘୁକ୍ରିୟା ଜଗତ ବିଖ୍ୟାତ ହୋଇଅଛି ଶୀଘ୍ର ଏଥିର ଅନ୍ୟ ଉପାୟ ହେଲେ ରାଜ କୋଷରେ ଲକ୍ଷ୍ମୀ ବସିବେ ସନ୍ଦେହ ନାହିଁ ।

ଏଜୁକେଶନ ଗେଜେଟ ଲେଖନ୍ତି ଯେ ଅମୃତସରରେ ଗୋଟିଏ ଭୟାନକ ବ୍ୟାପାର ଘଟିଅଛି । କେତେଗୁଡ଼ିଏ ଲୋକ ଏକ ପ୍ରକାର ପକ୍ଷିର ଯୁଦ୍ଧ ଦେଖିବା ନିମନ୍ତେ ତିନ ମହଲା ଏକ ଅଟ୍ଟାଳିକା ଉପରେ ଏକତ୍ରିତ ହୋଇଥିଲେ ଦୁର୍ଭାଗ୍ୟ ବଶତଃ ହଠାତ୍ ସେ ଅଟ୍ଟାଳିକା ଖସି ପଡ଼ିଲା ତହିଁରେ ୧୨ଜଣ ଲୋକ ହତ ଓ କେତେ ଜଣ ଆହତ ହୋଇ ଅଛନ୍ତି । ଶୁଣାଯାଏ ଯେ ସେହି ଗୃହସ୍ୱାମୀଙ୍କୁ ପ୍ରତ୍ୟେକ ହତ ବ୍ୟକ୍ତିର ପରିବାରକୁ ଟ ୨୫୦ ଙ୍କା ଲେଖାଏ ଦେବାକୁ ହେବ ।

Digitized by srujanika@gmail.com

Split by PDF Splitter



ଢ଼ିଲ ନିଉସ କହନ୍ତି ଯେ ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ବଙ୍ଗଲା ଗବର୍ଣ୍ଣମେଣ୍ଟଙ୍କୁ ତାହାଙ୍କ ଅଧୀନସ୍ଥ ଭିନ୍ନ ଭିନ୍ନ ବିଭାଗର ପରିମାଣ ଫଳ ଜନସଂଖ୍ୟା ଓ ରାଜସ୍ୱ ବିଷୟରେ ରିପୋର୍ଟ କରିବାକୁ ଆଦେଶ ଦେଇଅଛନ୍ତି ।

ଗୋଟିଏ ଯବନ ଶିଶୁ ଛ ମାସ ବୟସ ସମୟରେ ଅନ୍ଧ ହେଲା ସାତ ବର୍ଷ ବୟସ ସମୟରେ ତାହାର ପିତା ସିଭିଲ ସର୍ଜନ ଡାକ୍ତର ଫେଞ୍ଚ ସାହେବଙ୍କ ନିକଟକୁ ଚିକିତ୍ସା ନିମନ୍ତେ ତାହାକୁ ପଠାଇଲା । ଡାକ୍ତର ସାହେବ ଏ ପ୍ରକାର ସତର୍କତାରେ ଚକ୍ଷୁର ପର୍ଦାମାନ କାଟି ଚିକିତ୍ସା କଲେ ଯେ ୭।୮ ଦିନ ମଧ୍ୟରେ ସେ ବାଳକ ସୁନ୍ଦର ରୂପେ ଦର୍ଶନ ଶକ୍ତି ପ୍ରାପ୍ତ ହୋଇ ଆପଣା ଘରକୁ ଗଲା ।

ପ୍ରଭାକରରୁ ଅବଗତ ହେଲୁଁ ଯେ ଦିଲ୍ଲୀର ସରକାରୀ ବଗିଚାର ନିକଟସ୍ଥ ଦୌଲତରାମ ସୌଦାଗର ଘର ସମୀପରେ କେତେଜଣ କୁଲି x x x x x x x x x x x x x x x x x x x x x x x x x x x x x x xx x x ।

କରାଚି ଓ ବୋମ୍ବାଇ ପର୍ଯ୍ୟନ୍ତ ସାମୁଦ୍ରିକ ଟେଲିଗ୍ରାମ କରିବାର ପ୍ରସ୍ତାବ ହେଉଅଛି ।

କାଶ୍ମୀର ରାଜା ତିବ୍ବତରେ ଯେ ଦୁଇଟି ପ୍ରଦେଶ ଜୟ କରିଥିଲେ ତାହା ପରିତ୍ୟାଗ କରିଅଛନ୍ତି ।

ରାଜସ୍ୱର ଅନାଟନ ହେବାରୁ କଲିକତା ମାନ୍ଦ୍ରାଜ ଓ ବୋମ୍ବାଇର ଶ୍ରେଷ୍ଠ ଅଦାଲତମାନଙ୍କରେ ଉଦ୍ବୃତ୍ତ ଟଙ୍କା ସାଧାରଣ ଧନାଗାରକୁ ନେବା ନିମନ୍ତେ ମାସି ସାହେବ ଭାରତବର୍ଷ ବ୍ୟବସ୍ଥାପକ ସଭାରେ ଏକ ବିଲ ଉପସ୍ଥିତ କରିବେ ।

ବଙ୍ଗଲା ଓ ଉତ୍ତର ପଶ୍ଚିମର ଲେଫ୍‌ଟେନାଣ୍ଟ ଗବର୍ଣ୍ଣରମାନେ ଆଗ୍ରାରେ ଏହି ସ୍ଥିର କରିଅଛନ୍ତି ଯେ ବଙ୍ଗ ଦେଶପର ଉତ୍ତର ପଶ୍ଚିମ ଅନ୍ତର୍ଗତ ରେଲଓଏ ତତ୍ତ୍ୱାବ-ଧାରଣ ନିମନ୍ତେ ଗବର୍ଣ୍ଣମେଣ୍ଟରୁ ପୁଲିସ ସ୍ଥାପିତ ହେବ ।

ମଥୁରାବାସୀ ଶେଠ ଲକ୍ଷ୍ମୀଚନ୍ଦ ୧୮୫୭ ଶାଲରେ ବିଶେଷ ରାଜଭକ୍ତି ପ୍ରଦର୍ଶନ କରିଥିବା ହେତୁ ରାୟବାହାଦୁର ପଦ ପ୍ରାପ୍ତ ହୋଇଅଛନ୍ତି ।

ଜାମକାଣ୍ଡିର ସର୍ଦାର ଓ ହୁଲ୍‌କାର ରାଜ୍ୟର ସେନାପତି କୁମାର ସିଂହ ଏହି ଶୀତଋତୁ ମଧ୍ୟରେ ଇଂଲଣ୍ଡ ଯିବାର ମାନସ କରିଅଛନ୍ତି ।

ଗତ ଗୁରୁବାର ଓ ଶୁକ୍ରବାରରେ ଫେମିନ କମିସନରମାନେ କଟକର ଯାବକ କଲଟର ଶ୍ରୀଯୁକ୍ତ ଡବଲିଉ ବର୍ଣ୍ଣେଲ ସାହେବ ଓ ସାହାଯ୍ୟ କୁମେଟୀର ସେକ୍ରେଟାରୀ ଶ୍ରୀଯୁକ୍ତ ବାବୁ ହରଚନ୍ଦ୍ର ଘୋଷଙ୍କ ଯୋବାନବନ୍ଦୀ ଗ୍ରହଣ କରିଅଛନ୍ତି । ଖୋର୍ଦ୍ଧାରୁ ଶ୍ରୀଯୁକ୍ତ ବାର୍ଟନ ସାହେବ ଭଦ୍ରକରୁ ଶ୍ରୀଯୁକ୍ତ ସାର୍ଟ ସାହେବ ମଧ୍ୟ ଯୋବାନବନ୍ଦୀ ଦେବା କାରଣ ତଲବ ହୋଇ ଆସିଅଛନ୍ତି ।

Digitized by srujanika@gmail.com

Split by PDF Splitter



ଅନ୍ୟ ଦିନ ଦୁଇପ୍ରହର ତିନଘଣ୍ଟା ସମୟରେ ଗୁଉଳିଆଗଞ୍ଜ ମଇଦାନରେ ଘୋଡ଼ା ଦୌଡ଼ ହେବ । ଏ ରୂପ ଆମୋଦ ଅନେକ ଦିନ ହେଲା କଟକସ୍ଥ ଲୋକମାନେ ଦେଖି ନଥିଲେ ।

---

## ପ୍ରେମ ସୁଧାନିଧି

ସଂଶୋଧିତ ଓ କଠିଣ ଶବ୍ଦମାନଙ୍କ ଅର୍ଥ ସହିତ ମୁଦ୍ରିତ ହୋଇଅଛି । ମୂଲ୍ୟ ସାମାନ୍ୟ ବନ୍ଧାଇ ୧ ଖଣ୍ଡକୁ ଟ°୵୵ ଉତ୍ତମ ସିଲଦ ବନ୍ଧେଇ ୧ ଖଣ୍ଡକୁ ଟ°୵୷ ଗ୍ରାହକମାନେ କଟକ ପ୍ରିଣ୍ଟିଂ କମ୍ପାନୀର ସେକ୍ରେଟେରୀ ଶ୍ରୀଯୁକ୍ତ ଗୌରୀଶଙ୍କର ରାୟଙ୍କଠାରେ ତତ୍ତ୍ୱ କଲେ ଏ ପୁସ୍ତକ ପାଇପାରିବେ ।

---

## ବିଜ୍ଞାପନ—

ପତ୍ରିକା ଗ୍ରାହକମାନଙ୍କୁ ଜଣାଉଅଛୁ ଯେ ଗ୍ରାହକ ହେବା ସମୟଠାରୁ ଅଥବା ଯେ ସମୟ ଜନନ୍ତେ ଅଗ୍ରିମ ମୂଲ୍ୟ ଦିଆଯାଇ ଥାଏ ସେ ସମୟ ଶେଷଠାରୁ ତିନମାସ ମଧ୍ୟରେ ଅଗ୍ରିମ ମୂଲ୍ୟ ବକାୟା ନିରଖରେ ମୂଲ୍ୟ ନିଆଯିବ ।

ଶ୍ରୀ ଗୌରୀଶଙ୍କର ରାୟ

---

ଏହି ଉତ୍କଳ ଦୀପିକା ସହର କଟକ ଆଲମଚାନ୍ଦ ବଜାର କଟକ ପ୍ରିଣ୍ଟିଂ କମ୍ପାନୀର ପଥର ଛାପାରେ ମୁଦ୍ରିତ ହୋଇ ପତ୍ରିକାର ଅଧିକାରୀଙ୍କ ସକାଶେ ପ୍ରଚାର କରାଗଲା ।

---

—ସମାପ୍ତ—

Digitized by srujanika@gmail.com